# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 August - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀମନ୍ଦିରରେ ଗହ୍ମା ପୂର୍ଣ୍ଣିମା ଏବଂ ପ୍ରଭୁ ଶ୍ରୀବଳଭଦ୍ରଙ୍କର ଜନ୍ମ ଉତ୍ସବ ନୀତି ହେଉଛି ପାଳିତ

- ରାଜ୍ୟର ୫୦୦ଟି ଆଦିବାସୀ ବସବାସ କରୁଥିବା ଗ୍ରାମକୁ ବିକଶିତ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ଯୋଜନା

- ବାଂଲାଦେଶରେ ଅଟକି ରହିଥିବା ଓଡ଼ିଶା ଶ୍ରମିକମାନଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ରାଜ୍ୟକୁ ଫେରାଇ ଆଣିବା ପାଇଁ ସରକାର ନେଉଛନ୍ତି ପଦକ୍ଷେପ

ଏବଂ

- ମାନବସେବାରେ ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଓ ସମର୍ଥନ ଦେବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ମାନବିକତା ଦିବସ

*K.para/BHK/Koraput/Desk*

# ରାକ୍ଷୀ ପୂର୍ଣ୍ଣିମା-ଶ୍ରୀମନ୍ଦିର

ପବିତ୍ର ଶ୍ରାବଣ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପରମ୍ପରା ଅନୁସାରେ ଆଜି ଗହ୍ମାପୂର୍ଣ୍ଣମୀ ନୀତି ସହିତ ପ୍ରଭୁ ଶ୍ରୀ ବଳଭଦ୍ରଙ୍କର ଜନ୍ମ ଉତ୍ସବ ନୀତି ପାଳିତ ହେଉଛି । ମଧ୍ୟାହ୍ନ ଧୂପ ପରେ ଭଉଣୀ ସୁଭଦ୍ରା' ଭାଇ ପ୍ରଭୁ ଶ୍ରୀ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ପିନ୍ଧାଇବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ଶ୍ରୀଜଗନ୍ନାଥ ମହାପ୍ରଭୁ ଦୁଇ ହସ୍ତରେ ଦୁଇଟି ଓ ବଡଭାଇ ଶ୍ରୀବଳଭଦ୍ର ଦୁଇ ହସ୍ତରେ ଦୁଇଟି ଲେଖାଏଁ ରାକ୍ଷୀ ପିନ୍ଧାଇବେ। ଏଥିସହ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ଦୁଇଟି ଲେଖାଏଁ ଗୁଆମାଳ ଲାଗି ହେବ। ଏନେଇ ବାସୁଙ୍ଗା ପାଟରେ ଦୁଇଟି ଲେଖାଏଁ ୪ଟି ବଡ ରାକ୍ଷୀ ପ୍ରସ୍ତୁତ ହୋଇଥିଲା। ଶ୍ରୀମନ୍ଦିରରେ ମଧ୍ୟ ଆଜି ଦ୍ୱିପହର ଧୂପ ପରେ ମଙ୍ଗଳାର୍ପଣ କରାଯାଇ ଶ୍ରୀ ବଳଭଦ୍ରଙ୍କର ଜନ୍ମନୀତି ଅନୁଷ୍ଠିତ ହେବା ସହିତ ଚକ୍ରରାଜ ସୁଦର୍ଶନ ବିମାନରେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବେ । ବିମାନବଡୁ ସେବକମାନେ ସୁଦର୍ଶନଙ୍କୁ ବିମାନରେ ବିଜେ କରାଇ ଚାରି ଆଶ୍ରମ ଭ୍ରମଣ କରାଇବା ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ଶ୍ରୀଜୀଉମାନଙ୍କର ଏହି ବିଶେଷ ନୀତି ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତମାନଙ୍କର ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି ।

ପବିତ୍ର ରକ୍ଷାବନ୍ଧନ ଅବସରରେ ବିଭିନ୍ନ ମନ୍ଦିର ଗୁଡ଼ିକରେ ପୂଜାର୍ଚ୍ଚନା ସହିତ ରକ୍ଷା ବନ୍ଧନ ଉତ୍ସବ ପାଳିତ ହେଉଛି । ଭାଇମାନଙ୍କ ମଙ୍ଗଳ କାମନା କରି ଭଉଣୀମାନେ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଛି ।

ରାଜ୍ୟପାଳ ରଘୁବର ଦାସ ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ କହିଛନ୍ତି, ଭାଇ-ଭଉଣୀଙ୍କ ସ୍ନେହ ଓ ଅତୁଟ ପ୍ରେମର ପ୍ରତୀକର ଏହି ପର୍ବ ସମସ୍ତଙ୍କ ଜୀବନରେ ଖୁସି ଆଣିଦେଉ।

ପବିତ୍ର ଗହ୍ମା ପୂର୍ଣ୍ଣିମା ଏବଂ ଶ୍ରୀବଳଦେବଙ୍କ ଜନ୍ମଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ପ୍ରଭୁ ଶ୍ରୀ ବଳଦେବଙ୍କର ଜନ୍ମଦିବସ ପାଳନରେ ଗୋପୂଜନ କରାଯାଇଥାଏ । ମାନବ ସମାଜକୁ ଗୋ-ଜାତିର ଅବଦାନକୁ ଏହା ସ୍ମରଣ କରାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପବିତ୍ର ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାଇ ଭଉଣୀଙ୍କ ଗଭୀର ସ୍ନେହ ଓ ଅତୁଟ ବିଶ୍ୱାସର ପ୍ରତୀକ, ପବିତ୍ର ରକ୍ଷାବନ୍ଧନ ପର୍ବର ଶୁଭକାମନା।

ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା’ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରାକ୍ଷୀ ପିନ୍ଧାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଶ୍ରୀମତୀ ପରିଡ଼ା ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ପିନ୍ଧାଇବା ସହ ବିଜେପି ବିଧାୟକ ବାବୁ ସିଂଙ୍କୁ ମଧ୍ୟ ରାକ୍ଷୀ ପିନ୍ଧାଇଥିବା ଜଣାପଡ଼ିଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ପର୍ବ ଉପଲକ୍ଷେ  କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭଦ୍ରକ ଜିଲ୍ଲା ମଠସାହି ରାଜଘାଟଠାରେ ଥିବା ଗୋଶାଳାରେ ଗୋମାତାଙ୍କୁ ଫୁଲ ଓ ଚନ୍ଦନ ଲଗାଇ ରାକ୍ଷୀ ବନ୍ଧା ଯାଇଛି। ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ମଣିବାବାଙ୍କୁ ଯୋଗୀ ଦିଗମ୍ବର ବଡ଼ସିଂହାର ବେଶରେ ସୁସଜ୍ଜିତ କରାଯାଇ ରକ୍ଷା ବନ୍ଧନ ନୀତିକାନ୍ତି କରାଯାଇଛି।

କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଏବଂ ବଳଦେବଜୀଉଙ୍କ ଜୟନ୍ତୀ ପାଳିତ ହେଉଛି। କୋରାପୁଟ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଜିଲ୍ଲାର ଜୟପୁର, କୋରାପୁଟ, ସୁନାବେଢ଼ା ଓ କୋଟପାଡ଼ ପ୍ରଭୃତି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟଦେବତା ଶ୍ରୀବଳଦେବଜୀଉଙ୍କ ପବିତ୍ର ଜନ୍ମୋତ୍ସବ ପାଳନ କରାଯାଉଛି । ଏଥିନିମନ୍ତେ ବଳଦେବଜୀଉଙ୍କ ଗୋପନୀୟ ଜନ୍ମନୀତି ସମ୍ପାଦନ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତିର ଆରମ୍ଭ ହୋଇଛି । ଆଜି ସକାଳୁ ରତ୍ନମଣ୍ଡପରେ ୧ ଲକ୍ଷ ତୁଳସୀ ଅର୍ପଣ କରାଯିବା ପରେ ଚତୁର୍ଦ୍ଧାମୂର୍ତ୍ତି ଗନ୍ଧାଭିଷେକ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି ।

***HS***

## ଜଙ୍ଗଲ ପରିବେଶ– ରାକ୍ଷୀ ପୂର୍ଣ୍ଣିମା

ରାଜ୍ୟର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନିଆରା ଢଙ୍ଗରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଇଛି । ଭୁବନେଶ୍ୱର କଳିଙ୍ଗ ବିହାର ସ୍ଥିତ ଆନନ୍ଦବନ ପରିସରରେ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଗଛରେ ରାକ୍ଷୀ ବାନ୍ଧିଥିଲେ ।

***Desk***

## ଜଳଲାଗି

ଶ୍ରାବଣ ମାସର ଆଜି ଶେଷ ସୋମବାରରେ ରାଜ୍ୟର ବିଭିନ୍ନ ଶିବ ମନ୍ଦିରରେ ଭକ୍ତମାନେ ଜଳଲାଗି କରୁଛନ୍ତି । ଭୁବନେଶ୍ୱରର ପ୍ରଭୁ ଶ୍ରୀଲିଙ୍ଗରାଜ, କଟକର ବାବା ଧବଳେଶ୍ୱର, ଭଦ୍ରକର ବାବା ଆଖଣ୍ଡଳମଣୀ ଏବଂ ପୁରୀର ବାବା ଲୋକନାଥଙ୍କ ପୀଠରେ ହଜାର ହଜାର କାଉଡ଼ିଆଙ୍କ ସମାଗମ ହୋଇଛି ।

ରାଜ୍ୟପାଳ ରଘୁବର ଦାସ ଶେଷ ସୋମବାର ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ ଶ୍ରୀ ଦାସ' ଲିଙ୍ଗରାଜ ମହାଦେବ ସମସ୍ତ ଭକ୍ତଙ୍କୁ ଯଶ, ଆରୋଗ୍ୟ ଓ ସୌଭାଗ୍ୟର ବର ଦିଅନ୍ତୁ ବୋଲି କାମନା କରିଛନ୍ତି।

***HS***

## ଆଦିବାସୀ ଗ୍ରାମ ବିକାଶ

ରାଜ୍ୟର ୫୦୦ଟି ଆଦିବାସୀ ଗ୍ରାମକୁ ବିକଶିତ କରିବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଯେଉଁ ଗ୍ରାମଗୁଡ଼ିକରେ ୮୦ରୁ ୯୦ ପ୍ରତିଶତ ଆଦିବାସୀ ଲୋକ ବାସବାସ କରୁଛନ୍ତି। ସେହି ସବୁ ଗ୍ରାମଗୁଡ଼ିକ ଚିହ୍ନଟ କରାଯାଇ ଖୁବଶୀଘ୍ର ବିକାଶ କାର୍ଯ୍ୟ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗୀୟ ମନ୍ତ୍ରୀ ରବି ନାୟକ କହିଛନ୍ତି, ଆଦିବାସୀ ଗ୍ରାମଗୁଡ଼ିକର ବିକାଶ କାର୍ଯ୍ୟ ପାଇଁ ପ୍ରସ୍ତୁତ ହେଉଥିବା ଯୋଜନାରେ ସେମାନଙ୍କ ପରମ୍ପରା ଓ ସଂସ୍କୃତିକୁ ପ୍ରାଥମିକତା ଦିଆଯିବ। ଏହି ଯୋଜନାରେ ରାସ୍ତା, ପାନୀୟ ଜଳ, କୃଷି, ପଶୁପାଳନ, ଜଳସେଚନ, ଜଙ୍ଗଲଜାତ ଦ୍ରବ୍ୟର ବିକ୍ରି, ମାତୃଶକ୍ତି ଏବଂ ଯୁବକମାନଙ୍କ ରୋଜଗାର ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୫୦୦ ଆଦିବାସୀ ବହୁଳ ଗ୍ରାମର ବିକାଶ କାର୍ଯ୍ୟ କରାଯିବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଗାଁକୁ ଏହି ଯୋଜନାରେ ସାମିଲ କରାଯିବ।

***HS***

## ବାଂଲାଦେଶ– ଓଡ଼ିଶା ଶ୍ରମିକ

ବାଂଲାଦେଶରେ ଅଟକି ରହିଥିବା ଓଡ଼ିଆ ଶ୍ରମିକଙ୍କୁ ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ରାଜ୍ୟକୁ ଫେରାଇ ଅଣାଯିବ ବୋଲି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ଶ୍ରୀ ଖୁଣ୍ଟିଆ  କହିଛନ୍ତି, କେତେ ଶ୍ରମିକ ବାଂଲାଦେଶ ଯାଇଛନ୍ତି ତାର ତାଲିକା ପ୍ରସ୍ତୁତ ଚାଲିଛି । ଶ୍ରମ ଅଧିକାରୀ ନିଜ ଜିଲ୍ଲାର ତାଲିକା ପଠାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ପ୍ରଥମେ ସରକାରୀ ନୀତି ନିୟମ ଅନୁଯାୟୀ, ବାଂଲାଦେଶ ଯାଇଥିବା ଶ୍ରମିକଙ୍କୁ ଫେରାଇ ଆଣିବା ବ୍ୟବସ୍ଥା କରାଯିବ। ପରେ ବେସରକାରୀ ଭାବେ ଯାଇଥିବା ଶ୍ରମିକଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

***HS/Desk***

## ସିମ୍ ବକ୍ସ

ଭୁବନେଶ୍ୱର ଏବଂ କଟକରେ ସିମ୍ ବକ୍ସ ମିଳିବା ପରେ ଏଥିରେ ସମ୍ପୃକ୍ତ ର୍ୟାକେଟକୁ ଠାବ କରିବା ନିମନ୍ତେ ପୁଲିସ ରାଜ୍ୟ ବାହାରକୁ ତଦନ୍ତ ପାଇଁ ଯିବ ବୋଲି ଜଣାପଡ଼ିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜୁ ମଣ୍ଡଳଠାରୁ ମିଳିଥିବା ତଥ୍ୟ ଆଧାରରେ ଆଜି ଭୁବନେଶ୍ୱର ଲିଙ୍ଗରାଜ ହୋଟେଲରେ ପୁଲିସ ଚଢ଼ାଉ କରିଛି। ଘଟଣାରେ ସମ୍ପୃକ୍ତ ବାଂଲାଦେଶୀ ନାଗରିକ ଓଡ଼ିଶା

ଆସିବା ପରେ ସେହି ହୋଟେଲରେ ରହିଥିବା ଜଣାପଡ଼ିବା ପରେ ପୁଲିସ ସିସିଟିଭି ଏବଂ କାଗଜପତ୍ର ଯାଞ୍ଚ କରୁଛି।

ସୂଚନାଯୋଗ୍ୟ, ସିମ୍ ବକ୍ସ ଘଟଣାରେ ଗିରଫ ହୋଇଥିବା ରାଜୁ ମଣ୍ଡଳଙ୍କୁ ଜେରା ସମୟରେ ମିଳିଥିବା ତଥ୍ୟ ଆଧାରରେ ଗତକାଲି ପୁଲିସ୍ ପକ୍ଷରୁ କଟକର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

***HS***

## ପିସିସିଏଫ୍- ତାଳଗଛ ରୋପଣ

ରାଜ୍ୟରେ ଏ ପର୍ଯ୍ୟନ୍ତ ୧୦ ଲକ୍ଷ ତାଳଗଛ ଲଗାଯାଇଥିବା ପ୍ରଧାନ ମୁଖ୍ୟ ବନସଂରକ୍ଷକ ଅଧିକାରୀ– ପି.ସି.ସି.ଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି,  ବଜ୍ରାଘାତରୁ ରକ୍ଷା କରିବା ପାଇଁ ତାଳଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆଗାମୀ ଦିନରେ ବନ ବିଭାଗ ପକ୍ଷରୁ ୧୯ ଲକ୍ଷ ତାଳଗୋଟମା ଲଗାଯିବ ବୋଲି ଯୋଜନା କରାଯାଇଛି। ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବା ଲାଗି ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ ତାଳଗଛ କାଟିବା ପାଇଁ ଏଣିକି ଅନୁମତି ନେବାକୁ ପଡ଼ିବ ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

***Ganjam***

## ରାଜ୍ୟସ୍ତରୀୟ ସମ୍ମିଳନୀ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ବଡ଼ ମେଡିକାଲରେ ବାୟୋକେମେଷ୍ଟ୍ରି ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ୍ ଅଫ୍ କ୍ଲିନିକାଲ କେମେଷ୍ଟ୍ରି ଓ ଲ୍ୟାବ

ମେଡିସିନ୍ ଫ୍ୟାସିଲିଟେଟର୍ ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ମେଡିକାଲ ଓ ମେଡିକାଲ କଲେଜର ପ୍ରସୂତି ଓ ସ୍ତ୍ରୀ ରୋଗ ଏବଂ ମାନସିକ ରୋଗ ବିଭାଗର ବରିଷ୍ଠ ଡାକ୍ତରମାନେ ଯୋଗ ଦେଇଥିଲେ। ଏଥିରେ ଡାକ୍ତରମାନେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ।

***Keonjhar***

## ଖାଦ୍ୟଶସ୍ୟ– ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର ଜିଲ୍ଲା ପାଟଣା ମିନିଷ୍ଟାଡିୟମଠାରେ ପାରମ୍ପରିକ ପୁଷ୍ଟିକର ଖାଦ୍ୟଶସ୍ୟର ଉନ୍ନତି ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସଂଗଠନ ଓ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ପୁଷ୍ଟିକର ଶସ୍ୟରେ ପ୍ରସ୍ତୁତ ଖିରି, ପୀଠା, ମିଠା, ଲଡ୍ଡୁ, ବରା, କାକରା ଆଦି ପ୍ରଦର୍ଶନ କରାଯାଇଥିଲା। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ।

***Desk***

# ମାନବିକତା ଦିବସ

ଯୁଦ୍ଧ ଓ ସଂଘର୍ଷ ସ୍ଥିତିର ସମ୍ମୁଖୀନ ହେଉଥିବା ପୃଥିବୀରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ସଂପର୍କରେ ସଚେତନତା ସୃଷ୍ଟି କରାଇବା ନେଇ ଆଜି ବିଶ୍ୱରେ ବିଶ୍ୱ ମାନବିକତା ଦିବସ ପାଳନ କରାଯାଉଛି । ମାନବ ସେବାରେ ଜୀବନ ଉତ୍ସର୍ଗ କରିଥିବା ଓ ପ୍ରାଣ ହରାଇଥିବା

ବ୍ୟକ୍ତିବିଶେଷଙ୍କୁ  ସମ୍ମାନ ଓ ସମର୍ଥନ ଦେବା ଉଦ୍ଦେଶ୍ୟରେ ମଧ୍ୟ ଏହି ଦିବସ ପାଳନ କରାଯାଇଥାଏ । ପୃଥିବୀରେ ବର୍ତ୍ତମାନ କୋଟି କୋଟି ଲୋକ ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ସଂକଟର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ମାନବୀୟ ସହାୟତା ଦେବା ପାଇଁ ୨୦୦୮ ମସିହାରେ ଜାତିସଂଘ ସାଧାରଣ ସଭା ଦ୍ୱାରା ବିଶ୍ୱ ମାନବିକତା ଦିବସ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା ଏବଂ ୨୦୦୯ ମସିହା ଠାରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ କରାଯାଉଛି ।

***Sonepur***

## ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ସୋନପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସାହିତ୍ୟ ସଂସଦର ସଭାପତି ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଗବେଷକ ପ୍ରଫେସର ଉମାକାନ୍ତ ମଙ୍ଗରାଜ’ କବି ଗଙ୍ଗାଧର ମେହେରଙ୍କ ସାରସ୍ୱତ ସୃଜନ ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।

***HS***

## ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ୮ଟି ଜିଲ୍ଲାକୁ ଭୀଷଣ ବର୍ଷା ସାଙ୍ଗକୁ କୋହଲା ପବନ ଓ ବଜ୍ରପାତ ନେଇ

ପାଣିପାଗ ବିଭାଗ ସତର୍କତା ଜାରି କରିଛି। ସେହି ଜିଲ୍ଲା ଗୁଡିକ ହେଉଛି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ । ଏସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୭ ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲ୍ଲାର ବାମରାରେ ସର୍ବାଧିକ ୭୭ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। ତେବେ ଚଳିତ ମୌସୁମୀ ଋତୁ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୦୦ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି ଯାହା ସ୍ୱାଭାବିକ ଠାରୁ ୧୧ ପ୍ରତିଶତ କମ୍ ରହିଥିବା ଜଣାପଡ଼ିଛି।